**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

# TEST BOOKLET

Sl. No. 01700

**Subject Code : 19**

**Subject : Odia**

## LECTURERS FOR NON-GOVT. AIDED COLLEGES OF ODISHA

*Time Allowed : 3 Hours*

*Maximum Marks : 165*

### : INSTRUCTIONS TO CANDIDATES :

1. **IMMEDIATELY AFTER THE COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET CONTAINS 23 PAGES AND DOES NOT HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET.**

2. You have to enter your **Roll No.** on the Test Booklet in the Box provided alongside. **DO NOT** write anything else on the Test Booklet.

| | | | | | | | | |
|---|---|---|---|---|---|---|---|---|
| | | | | | | | | |

3. The Test Booklet contains **165** questions. Each question comprises four answers. You have to select the correct answer which you want to mark (darken) on the Answer Sheet. In case, you feel that there is more than one correct answer, you should mark (darken) the answer which you consider the best. In any case choose ONLY ONE answer for each question. If more than one answer is darkened it will be considered as wrong.

4. You have to mark (darken) all your answers **ONLY** on the **separate OMR Answer Sheet** provided, by **using BLACK BALL POINT PEN**. You have to do rough work on the space provided in the Test Booklet only. See instruction in the Answer Sheet.

5. All questions carry equal marks, i.e. of one mark for each correct answer and each wrong answer will result in negative marking of **0.25** mark.

6. Before you proceed to mark (darken) in the Answer Sheet the answers to various questions in the Test Booklet, you have to fill in some particulars in the Answer Sheet as per the instructions in your Admit Card.

7. After you have completed filling in all your answers on the Answer Sheet and after completion of the examination, you should hand over to the Invigilator the **Original Answer Sheet (OMR Answer Sheet)** issued to you. You are allowed to take with you the candidate's copy/second page of the Answer Sheet along with the Test Booklet after completion of the examination for your reference.

**Candidate's full signature**

**Invigilator's signature**

SEAL



2018

1. 'କଫି' କି ପ୍ରକାର ଶବ୍ଦ ?

(A) ତୁର୍କୀ

(B) ଇଂରାଜୀ

(C) ପର୍ତ୍ତୁଗୀଜ

(D) ଆରବୀ

2. 'ତୁଲୋ ଡୋମ୍ୱାହାଉଁ କାପାଳି' ରେ 'ହାଉଁ'ର ଅର୍ଥ କଣ ?

(A) ଆମେ

(B) ତୁ

(C) ଆପଣ

(D) ମୁଁ

3. 'କାବୁ' କି ପ୍ରକାର ଶବ୍ଦ ?

(A) ପର୍ତ୍ତୁଗୀଜ

(B) ଯାବନିକ

(C) ଇଂରାଜୀ

(D) ଦ୍ରାବିଡ

4. 'ଳ' କେଉଁ ପ୍ରକାରର ଧ୍ୱନି ?

(A) ତାଡିତ

(B) ଉତ୍କ୍ଷିପ୍ତ

(C) ପାର୍ଶ୍ୱିକ

(D) ସଂଘର୍ଷୀ

5. କେଉଁଟି କାକଲ୍ୟ ଧ୍ୱନି ?

(A) ସ

(B) ହ

(C) ମ

(D) ଙ

6. 'ଇ' ଏକ କି ପ୍ରକାରର ସ୍ୱରଧ୍ୱନି ?

(A) ଅଗ୍ର

(B) ପଶ୍ଚ

(C) ସଂଯୁକ୍ତ

(D) କେନ୍ଦ୍ରୀୟ

7. 'ବାରନାଦେ ମେଘନାଦେ ଡାକିଲେ ଲକ୍ଷ୍ମଣ' ମେଘନାଦରେ 'ଏ' କେଉଁ ବିଭକ୍ତି ପ୍ରତ୍ୟୟ ?

(A) ଦ୍ୱିତୀୟା

(B) ତୃତୀୟା

(C) ପଞ୍ଚମୀ

(D) ସପ୍ତମୀ

8. 'ଇବ' କେଉଁ ସୂଚକ ନିର୍ଦ୍ଦେଶକ ?

(A) ଅତୀତ

(B) ଅତୀତ ବର୍ତ୍ତମାନ

(C) ବର୍ତ୍ତମାନ

(D) ଭବିଷ୍ୟତ

9. ଓଡିଆ ଭାଷାର ପ୍ରଥମ ଓ ଦ୍ୱିତୀୟ ପୁରୁଷ ସର୍ବନାମ ପଦର ଏକବଚନର ଦ୍ୱିତୀୟା ବିଭକ୍ତିରେ କେଉଁ ପ୍ରତ୍ୟୟ ଯୁକ୍ତ ହୁଏ ?

(A) ମାନେ

(B) ଠୁ

(C) ତେ

(D) ର

10. 'ପାଠକ' କି ଧରଣର ବାଚ୍ୟ ଅଟେ ?

(A) କର୍ତ୍ତୃକାରକ

(B) ସଂପ୍ରଦାନ କାରକ

(C) କର୍ମକାରକ

(D) ଅଧିକାରଣ କାରକ

11. 'ଧନ' ଶବ୍ଦରେ କେଉଁ ପ୍ରତ୍ୟୟ ଯୋଗକଲେ ଧନୀ ହୁଏ ?

(A) ଇ

(B) ଇନ୍

(C) ଈ

(D) ଆନି

12. 'ଆତୁରେ ନିୟମ ନାସ୍ତି'ରେ କେଉଁ ଧରଣର ରଢି ପ୍ରୟୋଗ ଘଟିଛି ?

(A) କ୍ରିୟାଯୁକ୍ତ

(B) କ୍ରିୟାହୀନ

(C) ତୁଳନାତ୍ମକ

(D) କେଉଁଟି ନୁହଁ

13. ଘିଅ ସହିତ କେଉଁ କ୍ରିୟା ପ୍ରୟୋଗରେ ରଢି ହେବ ?

(A) ତିଆରି କରିବା

(B) ବନେଇବା

(C) ଛାଣିବା

(D) ମାରିବା

14. ଗୋଟିଏ ଉକ୍ତିକୁ ଆଉ ଗୋଟିଏ ଉକ୍ତି ଦ୍ୱାରା ସମର୍ଥନ କରାଗଲେ କେଉଁ ଅଳଙ୍କାର ହୁଏ ?

(A) ଅପହ୍ନୁତି

(B) ବ୍ୟାଜସ୍ତୁତି

(C) ଅର୍ଥାନ୍ତରନ୍ୟାସ

(D) ବ୍ୟତିରେକ

15. ଉପମା ଓ ରୂପକ ଅଳଙ୍କାର ମଧ୍ୟରେ କେଉଁ ସମାନତା ରହିଛି ?

(A) ସାଦୃଶ୍ୟ କଳ୍ପନା

(B) ଆରୋପ

(C) ଅର୍ଥ

(D) କେଉଁଟି ନୁହଁ

16. ଅନୁପ୍ରାସ, ଯମକ ଓ ଶ୍ଳେଷ ପ୍ରଭୃତି ଅଳଙ୍କାର ଗୁଡିକ କେଉଁ ପର୍ଯ୍ୟାୟର ଅଟନ୍ତି ?

(A) ଅର୍ଥାଳଙ୍କାର

(B) ଅନୁପ୍ରାସ

(C) ଯମକ

(D) ଶବ୍ଦାଳଙ୍କାର

17. 'ଉତ୍ସାହ' କେଉଁ ରସର ସ୍ଥାୟୀଭାବ ?

(A) ହାସ୍ୟ

(B) ଶାନ୍ତ

(C) ଅଦ୍‌ଭୁତ

(D) ବୀର

18. 'ଅନୁମିତିବାଦ' କେଉଁ ସିଦ୍ଧାନ୍ତ ଉପରେ ଆଧାରିତ ?

(A) ନ୍ୟାୟ

(B) ଦର୍ଶନ

(C) ମୀମାଂସା

(D) ରୀତି

19. ଜୟଦେବଙ୍କ ଅଳଙ୍କାର ଗ୍ରନ୍ଥ 'ଚନ୍ଦ୍ରାଲୋକ'ର କେଉଁ ମୟୁଖରେ ରୀତି ବିଚାର କରାଯାଇଛି ?

(A) ଚତୁର୍ଥ

(B) ଷଷ୍ଠ

(C) ସପ୍ତମ

(D) ଦ୍ୱିତୀୟ

20. 'କାବ୍ୟ ଗ୍ରାହ୍ୟମ ଅଳଂକାରାତ' କାହାଙ୍କ ପ୍ରତିପାଦିତ ସୂତ୍ର ?

(A) ଭାମହ

(B) ଭରତ

(C) ବାମନ

(D) ଆନନ୍ଦବର୍ଦ୍ଧନ

21. ପ୍ରସାଦଗୁଣ କେଉଁ ରସାଶ୍ରୟୀ ?

(A) ବୀର

(B) ଶୃଙ୍ଗାର

(C) କରୁଣ

(D) ସର୍ବରସାଶ୍ରୟୀ

22. ଭରତମୁନି କେତେଗୋଟି ସାହିତ୍ୟିକ ଗୁଣର ବିବେଚନା କରିଛନ୍ତି ?

(A) ଛଅ

(B) ନଅ

(C) ଦଶ

(D) ବାର

23. କିଏ କ୍ଲାସିସିଜିମ୍‌କୁ ଛାନ୍ଦୋବନ୍ଧ, ଶୁଚିତା ଓ ସ୍ଥିରତାର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ?

(A) Herbert Read

(B) Pater

(C) Wyndhan Lewis

(D) T. S. Eliot

24. କ୍ଲାସିକ ସାହିତ୍ୟର ଶ୍ରେଷ୍ଠ ଲକ୍ଷଣ କଣ ?

(A) ସଙ୍ଗତି, ସମତା-ସ୍ଥିରତା ଓ ନୀତିବୋଧ

(B) କଳ୍ପନାବିଳାସ, ବ୍ୟକ୍ତିଗତ ଅନୁଭୂତି, ବିଦ୍ରୋହ ପ୍ରବଣତା

(C) ଆତ୍ମଦ୍ୱନ୍ଦ୍ୱ, ଆଧ୍ୟାତ୍ମିକତା, ମୁକ୍ତିବୋଧ

(D) ବିଶ୍ୱାସହୀନତା, ନିରାଶାବାଦ, ପରଂପରାରୁ ମୁକ୍ତି

25. ଓଡ଼ିଆ ସାହିତ୍ୟରେ ମଧ୍ୟଯୁଗର କେଉଁ କବି କାଳ୍ପନିକ ଉଚ୍ଛାସ ପୂର୍ଣ୍ଣରୋମାଣ୍ଟିକ୍ କାବ୍ୟ କବିତାର ପ୍ରଧାନ ପୁରୋଧା ?

(A) ଲୋକନାଥ ବିଦ୍ୟାଧର

(B) ଅଭିମନ୍ୟୁ ସାମନ୍ତସିଂହାର

(C) ଉପେନ୍ଦ୍ରଭଞ୍ଜ

(D) ପୀତାମ୍ବର ଦାସ

26. ''ପଉଷତରୁ ମୁଁ ଗୋ ପଳିତ ମୋ ପତର / ନିରାଶା ପରଶରେ ଝରିଛି ଅକାଳରେ ନାହିଁତ ତେବେ ତିଳେ ଶୋଚନାଖେଦ ମୋର / ମୋ ମଣି ମୋ ହୃଦୟ ସାଗର ଅତଳରେ'' ଏହାର କବି କିଏ ?

(A) ଅନ୍ନଦାଶଙ୍କର

(B) କାଳିନ୍ଦୀଚରଣ

(C) ବୈକୁଣ୍ଠନାଥ

(D) ଶରତଚନ୍ଦ୍ର

27. "Symbols are the only things free enough from all bonds to speak of perfection" ଏହା କାହାଙ୍କ ଉକ୍ତି ?

(A) Keats

(B) W. B. Yeats

(C) T. S. Eliot

(D) Byron

28. 'ଝରରେ ରୁଧିର' କବିତାରେ 'କୃଷ୍ଣନାଗ' କେଉଁ ଗୋଷ୍ଠୀର ପ୍ରତୀକ ରୂପେ ବ୍ୟବହୃତ ?

(A) ସର୍ବହରା

(B) ସାମ୍ୟବାଦୀ

(C) ପ୍ରଗତିବାଦୀ

(D) ପୁଂଜିବାଦୀ

29. "Images inverse are not mere decoration, but the very essence of an initiative language" ଏହା କାହାଙ୍କ ଉକ୍ତି ?

(A) Hume

(B) Hugh Kenner

(C) Middleton Murry

(D) W. K. Wismstt

30. ''ସନ୍ତର୍ପଣରେ ଆସିବ / ଖତରା କାଠ ଫିଜରା ଭିତରୁ ତୋଳିନେବ ସ୍ପନ୍ଦନଟିକୁ କୋଳକୁ ଛଡୁଫୁଟା ମଲାକୋରଡ଼ ଭିତରୁ / ଉନଖ ଶାରିକାଟିକୁ ତୋଳିନେବ ପରମ ଆତ୍ମୀୟତାରେ ଆଉଁଶି ଆଉଁଶି ।'' ଏଥିରେ କେଉଁ ଚିତ୍ର ପ୍ରଦତ୍ତ ?

(A) ପ୍ରେମ

(B) ବିଡମ୍ବନା

(C) ମୃତ୍ୟୁ

(D) ଜୀବନ

31. 'ଜରାଶବର ସଂଗୀତ'ରେ କେଉଁ 'ମିଥ୍' ବ୍ୟବହୃତ ?

(A) ଚଣ୍ଡୀପୁରାଣ

(B) ରାମାୟଣ

(C) ଶିବପୁରାଣ

(D) ମହାଭାରତ

32. "And for literature myth implies a story" ଏହା କାହାଙ୍କ ମନ୍ତବ୍ୟ ?

(A) Lillian Feder

(B) Graham Hough

(C) Sussane K. Langer

(D) Sigmond Freud

33. Emile Zola କେଉଁ 'ବାଦ' ସହିତ ଯୁକ୍ତ ?

(A) ବାସ୍ତବବାଦ

(B) ଅତିବାସ୍ତବବାଦ

(C) ହେତୁବାଦ

(D) ରୋମାଣ୍ଟିକ୍‌ବାଦ

34. 'Varrier Elwin : A pioner Indian Anthropologist' କାହାଙ୍କ ଦ୍ୱାରା ରଚିତ ?

(A) ମହେନ୍ଦ୍ର କୁମାର ମିଶ୍ର

(B) ଭାବଗ୍ରାହୀ ମିଶ୍ର

(C) ଅଶ୍ୱିନୀ କୁମାର ମିଶ୍ର

(D) ପ୍ରସନ୍ନ କୁମାର ମିଶ୍ର

35. ଘୋଡାନାଚ ବର୍ଷର କେଉଁ ସମୟରେ ଅନୁଷ୍ଠିତ ହୁଏ ?

(A) ଫାଲଗୁନ-ପୂର୍ଣ୍ଣମୀରୁ ଆଠଦିନ

(B) ବୈଶାଖ-ପୂର୍ଣ୍ଣମୀରୁ ଆଠଦିନ

(C) ଆଶ୍ୱିନ-ପୂର୍ଣ୍ଣମୀରୁ ଆଠଦିନ

(D) ଚୈତ୍ର-ପୂର୍ଣ୍ଣମୀରୁ ଆଠଦିନ

36. 'ଚିତା' ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ନାମରେ ପରିଚିତ । ଦକ୍ଷିଣରେ କ'ଣ ?

(A) ରଂଗୋଲି

(B) ଆଲ୍‌ପନା

(C) କୋଲମ

(D) ଝୋଟି

37. 'ଶରଦରାହାସ' କେଉଁ ଧରଣର ରଚନା ?

(A) ଗୀତିନାଟ୍ୟ

(B) ରାସଲୀଳା

(C) ରାମଲୀଳା

(D) ସୁଆଙ୍ଗ

38. ୨୨ ଚର୍ଯ୍ୟା କେତେ ପାଦ ବିଶିଷ୍ଟ ?

(A) ଷଟପଦୀ ବା ୧୨ ପାଦ

(B) ପଞ୍ଚପଦୀ ବା ୧୦ ପାଦ

(C) ସପ୍ତପଦୀ ବା ୧୪ ଚରଣ

(D) ତ୍ରିପଦୀ ବା ୬ ପାଦ

39. 'ଚଉକୋଡ଼ି ଭଣ୍ଡାର ମୋର ଲଇଆ ସେସ ଜୀବନ୍ତେ ମଇଲେଁ ନାହି ବିଶେଷ' — ଏ ପଦଟି କାହାର ରଚନା ?

(A) ଲୁଇପା

(B) ଶବରପା

(C) ସରହପା

(D) ଭୁସୁକୁପା

40. କାହ୍ନୁପାଦଙ୍କ ଗୁରୁ କିଏ ଥିଲେ ?

(A) ଶବରୀ ପାଦ

(B) ଇନ୍ଦ୍ରଭୂତି

(C) ଜାଳନ୍ଧରୀ ପାଦ

(D) ସରହ ପାଦ

41. 'ପୋହାଅ' ଶବ୍ଦଟିର ଅର୍ଥ କଣ ?

(A) ପହଁରିବା

(B) ପ୍ରଭାତୀ

(C) ପ୍ରେକ୍ଷତି

(D) ପୁଚ୍ଛ

42. 'ଚର୍ଯ୍ୟାପଦ' ଶବ୍ଦଟି କାହାକୁ ଦ୍ୱାରା ନାମିତ ?

(A) ହର ପ୍ରସାଦ ଶାସ୍ତ୍ରୀ

(B) ରାହୁଳ ସାଂକୃତାୟନ

(C) ପ୍ରବୋଧକୁମାର ବାଗଚୀ

(D) ବିଧୁଶେଖର ଭଟ୍ଟାଚାର୍ଯ୍ୟ

43. ସାରଳାଦାସଙ୍କ ମହାଭାରତ ରଚନାର ସମୟସୀମା କେତେ ?

(A) ୧୪୪୦-୫୫

(B) ୧୪୫୦-୬୦

(C) ୧୪୫୫-୬୦

(D) ୧୪୪୫-୫୦

44. ମୋହୋର ଜନ୍ମେ ମୁଂତ ବିଦ୍ୟାପଢି ନାହିଁ
ସୁଜନ ଜନ ସଂଗତେ ମୁହିଁଯେନଥାଇ
ପଣ୍ଡିତ ଜନଙ୍କର ନ ବସିଲି ସଂଗେ
'ପଶାଙ୍କୁଆ ଶକଟାଦି ଆବର ନାନା ରଂଗେ' — ସାରଳା ମହାଭାରତର କେଉଁ ପର୍ବର ଅଂଶ ?

(A) ମଧ୍ୟ

(B) ଆଦି

(C) ସଭା

(D) ଉଦ୍‌ଯୋଗ

45. 'ବିଲଙ୍କା ରାମାୟଣ'ର କଥାବସ୍ତୁ କାହାଙ୍କ କଥୋପକଥନ ଛଳରେ ପରିକଳ୍ପିତ ?

(A) ନାରାୟଣ-ଲକ୍ଷ୍ମୀ

(B) ରାମ-ସୀତା

(C) ଗଣେଶ-ସରସ୍ୱତୀ

(D) ଶିବ-ପାର୍ବତୀ

46. ସତ୍ୟଆୟପ୍ରସଙ୍ଗ କେଉଁ ପର୍ବରେ ରହିଛି ?

(A) ଶାନ୍ତି

(B) ବନ

(C) ସଭା

(D) ଶଲ୍ୟ

47. 'ସାରଳା ମହାଭାରତରେ ମୂଳର ତତ୍ତ୍ୱଜ୍ଞାନ ପ୍ରତିପାଦକ ବିଷୟମାନ ଆଦୌ ନାହିଁ କହିଲେ ଚଳେ' — ଏହା କାହାଙ୍କ ଉକ୍ତି ?

(A) ଗୋପୀନାଥ ମହାନ୍ତି

(B) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

(C) ଗୋପୀନାଥ ନନ୍ଦଶର୍ମା

(D) ବଂଶୀଧର ମହାନ୍ତି

48. 'ଶ୍ରୀ ଜଗମୋହନ ଏହି ରାମାୟଣ ଗ୍ରନ୍ଥ
ଏଥିର କବି ଯେ ନୀଳଗିରି ଜଗନ୍ନାଥ
ସେ ପ୍ରଭୁମୋହର ହୃଦେ ବିଜେ କରିଥାନ୍ତି
ଆପଣାର ଚରିତ ଆପଣେ ବଖାଣନ୍ତି' — କେଉଁ କାଣ୍ଡର ଏହା ଅଂଶବିଶେଷ ?

(A) ଲଂକା
(B) ଉତ୍ତରା
(C) ଆଦି
(D) ସୁନ୍ଦରା

49. 'ଭାବସମଦ୍ର' ଗ୍ରନ୍ଥଟି କେତେ ପଦ ବିଶିଷ୍ଟ ରଚନା ?

(A) ୭୪୮
(B) ୭୩୮
(C) ୭୫୮
(D) ୭୬୮

50. 'ଗ୍ୟାନ ଚୁଡ଼ାମଣି' କେଉଁ ପ୍ରକାରର ରଚନା ?

(A) ଗଦ୍ୟ
(B) କାବ୍ୟ
(C) ନାଟ୍ୟ
(D) ପୁରାଣ

51. 'ବଉଳା ଅଧ୍ୟାୟ' କି ପ୍ରକାରର କବିତା ?

(A) ସଂବୋଧଗୀତିକା
(B) ଉକ୍ତିରସାତ୍ମକ
(C) ଯୋଗତତ୍ତ୍ୱ ସଂବଳିତ
(D) ଗାଥା

52. 'କରଣୀ ସଂହିତା' ଗ୍ରନ୍ଥର ଲେଖକ କିଏ ?

(A) ଅଚ୍ୟୁତାନନ୍ଦ
(B) ବଳରାମ
(C) ଜଗନ୍ନାଥ
(D) ଯଶୋବନ୍ତ

53. ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ ଜଗନ୍ନାଥ ଦାସଙ୍କ ଜନ୍ମ ସମୟ କେବେ ?

(A) ୧୪୮୨-୮୩
(B) ୧୪୮୬-୮୭
(C) ୧୪୮୪-୮୫
(D) ୧୪୮୮-୮୯

54. 'ଧନ ଅର୍ଜନେ ଧର୍ମ କରି । ଧର୍ମେ ପ୍ରାପତ ନରହରି' — ଉକ୍ତିର ତାତ୍ପର୍ଯ୍ୟ କଣ ?

(A) ଅର୍ଜିତ ଧନର ଉପଯୁକ୍ତ ବିନିଯୋଗ
(B) ଧର୍ମ କରିବା ପାଇଁ ଧନର ଅର୍ଜନ
(C) ଧନକୁ ନରହରିଙ୍କୁ ପ୍ରଦାନ
(D) ଧର୍ମନଥାଇ ଧନ ଅର୍ଜନ ଅସାର

55. ବିଷୟବସ୍ତୁ ବା ଭାବ ଦୃଷ୍ଟିରୁ ଚଉତିଶାକୁ କେତେ ଭାଗରେ ବିଭକ୍ତ କରାଯାଇଥାଏ ?

(A) ୪
(B) ୬
(C) ୫
(D) ୭

56. 'କଳସା ଚଉତିଶା' କେଉଁ ଶତାବ୍ଦୀର ରଚନା ?

(A) ଚତୁର୍ଦ୍ଦଶ

(B) ପଞ୍ଚଦଶ

(C) ତ୍ରୟୋଦଶ

(D) ଷୋଡ଼ଶ

57. ଉପେନ୍ଦ୍ର ଭଂଜଙ୍କ କେଉଁ ଚଉତିଶାଟିରେ ବିବିଧ ଅଳଙ୍କାର ବିନିଯୁକ୍ତ ?

(A) ବୀରସିଂହ

(B) ରସକୁଲ୍ୟା

(C) କମଳଲୋଚନ

(D) ଯମକରାଜ

58. କେଉଁ ଚଉତିଶାରେ ବ୍ରାହ୍ମଧର୍ମ ତତ୍ତ୍ୱର ବର୍ଣ୍ଣନା ପରିଦୃଷ୍ଟ ?

(A) ଜୀବନ ଚଉତିଶା

(B) ଆର୍ତ୍ତତ୍ରାଣ ଚଉତିଶା

(C) ବାଳବୋଲି ଚଉତିଶା

(D) 'କହୁଅଛି ମୁଁ ଯେମନକୁ' ଚଉତିଶା

59. କିଏ ସଂସ୍କୃତ ଓ ଓଡିଆ ଭାଗବତର ତୁଳନାତ୍ମକ ଆଲୋଚନା କରିଥିଲେ ?

(A) ଲାବଣ୍ୟ ନାୟକ

(B) କେତକୀ ନାୟକ

(C) ଗୋପୀନାଥ ନନ୍ଦଶର୍ମା

(D) କ୍ଷେତ୍ରବାସୀ ନାୟକ

60. ଚଉତିଶା ଠାରୁ କୋଇଲିର ମୌଳିକ ପାର୍ଥକ୍ୟ କଣ ?

(A) କରୁଣ ରସାଶ୍ରିତ

(B) ବିରହ ବ୍ୟଥାଯୁକ୍ତ

(C) ଅତ୍ୟନ୍ତ ବ୍ୟକ୍ତିକେନ୍ଦ୍ରିକ

(D) ପରିବେଶ କୈନ୍ଦ୍ରିକ

61. 'ଦୟାସାଗର କୋଇଲି'ର ଲେଖକ କିଏ ?

(A) ଚଇତନ ଦାସ

(B) ଶଙ୍କର ଦାସ

(C) ତ୍ରିଲୋଚନ ଦାସ

(D) ବୈରାଗୀ ଦାସ

62. 'ଦୁଃଖ କୋଇଲି'ରେ କେଉଁ ବିଷୟ ଆଲୋଚ୍ୟ ?

(A) ସାମାଜିକ ଦୁଃସ୍ଥିତିର ଚିତ୍ର

(B) ଦେଶ ଓ ରାଜ୍ୟର ଅଭାବ ଅନଟନ

(C) ପାରିବାରିକ ଜୀବନ ଯନ୍ତ୍ରଣା

(D) ପ୍ରାକୃତିକ ଦୁର୍ବିପାକର ଚିତ୍ର

63. ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ କବିନ୍ଦ୍ର ମାର୍କଣ୍ଡେୟଙ୍କ ଜନ୍ମଭୂମି କେଉଁଠାରେ ?

(A) ପୁରୁଷୋତ୍ତମପୁର ଶାସନ

(B) ରାମଚନ୍ଦ୍ରପୁର ଶାସନ

(C) ଦିବ୍ୟସିଂହପୁର ଶାସନ

(D) ପ୍ରତାପପୁର ଶାସନ

64. ପୂର୍ଣ୍ଣାଙ୍ଗ ରୁଦ୍ରସୁଧାନିଧି କାହାଙ୍କ ଦ୍ୱାରା ସଂକଳିତ ହୋଇଥିଲା ?

(A) କରୁଣାକର କର

(B) କୃଷ୍ଣଚରଣ ସାହୁ

(C) ଆର୍ତ୍ତବଲ୍ଲଭ ମହାନ୍ତି

(D) ପ୍ରହ୍ଲାଦ ପ୍ରଧାନ

65. 'ରୁଦ୍ରସୁଧାନିଧି ଗଦ୍ୟ ଓ ଏହାବେଣୀ ରଚନାର ଅନ୍ତର୍ଭୁକ୍ତ' — ଏହା କାହାଙ୍କ ଉକ୍ତି ?

(A) ଦେବୀପ୍ରସନ୍ନ ପଟ୍ଟନାୟକ

(B) ପଠାଣି ପଟ୍ଟନାୟକ

(C) ବିଜୟଚନ୍ଦ୍ର ମଜୁମ୍‌ଦାର

(D) ବିନାୟକ ମିଶ୍ର

66. ସୁରେନ୍ଦ୍ର ମହାନ୍ତି ରୁଦ୍ରସୁଧାନିଧିର ରଚନାକାଳକୁ କେଉଁ ସମୟର ବୋଲି କହିଛନ୍ତି ?

(A) ସାରଳାଙ୍କ ପୂର୍ବବର୍ତ୍ତୀ

(B) ଚତୁର୍ଦ୍ଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ

(C) ସାରଳାଙ୍କ ପରକାଳୀନ

(D) ସାରଳାଙ୍କ ସମସାମୟିକ

67. ରସକଲ୍ଲୋଳର କେଉଁ ଛାନ୍ଦରେ କବି ସ୍ୱକୀୟ କାବ୍ୟାଦର୍ଶର ପ୍ରଖ୍ୟାପନ କରିଛନ୍ତି ?

(A) ୯

(B) ୧୬

(C) ୮

(D) ୭

68. "We appreciate the poetic merits of Rasakallol but it should not be left unmentioned that gross conception that prevailed during the days of the poet regarding the pleasure of conjugal love has tainted many chhandas of the book" — ଏହା କାହାଙ୍କ ଉକ୍ତି ?

(A) Rangalal Mitra

(B) B. C. Mazumdar

(C) John Beams

(D) Artaballav Mohanty

69. ରସକଲ୍ଲୋଳରେ କୃଷ୍ଣ ଓ ଗୋପୀଙ୍କ ରାସ-ବିହାରର ଚିତ୍ର କେଉଁ ଛାନ୍ଦରେ ଚିତ୍ରିତ ?

(A) ପଞ୍ଚଦଶ

(B) ଏକବିଂଶ

(C) ଊନବିଂଶ

(D) ଊନତ୍ରିଂଶ

70. ରସକଲ୍ଲୋଳ ଚତୁର୍ଦ୍ଦଶ ଛାନ୍ଦର ତାତ୍ପର୍ଯ୍ୟ କଣ ?

(A) ଜଳକେଳି

(B) ବସନ୍ତ ବିହାର

(C) ମହାରାସ

(D) ରାଧା ଓ କୃଷ୍ଣଙ୍କ କୁଂଜକେଳି

71. ରସକଲ୍ଲୋଳର ଚତୁର୍ଥଛାନ୍ଦ କେତେ ପଦ ବିଶିଷ୍ଟ ?

(A) ୫୭

(B) ୫୮

(C) ୪୨

(D) ୬୮

72. ଲାବଣ୍ୟବତୀର ସ୍ୱପ୍ନଦର୍ଶନ କେଉଁ ଛାନ୍ଦରେ ବର୍ଣ୍ଣିତ ?

(A) ୧୬

(B) ୧୧

(C) ୩୦

(D) ୧୭

73. ଲାବଣ୍ୟବତୀର ତ୍ରିଂଶ ଛାନ୍ଦ କେଉଁ ରାଗରେ ରଚିତ ?

(A) ଚିନ୍ତାଭୈରବ

(B) କଳଶା

(C) ଚୋଖି

(D) ପଟହ ମଂଜରୀ

74. 'କେଶ ଦରଶନେ ରଥାଙ୍ଗ ଧାଇଁ ଆହାର ବଶେ, ବିଚ୍ଛେଦ ଭୟରୁ ପଳାଇଗଲେ ନରହି ପାଶେ' — ପଦଟି କେଉଁଛାନ୍ଦର ଅଂଶ ?

(A) ୧୨

(B) ୧୦

(C) ୩୦

(D) ୬

75. ଲାବଣ୍ୟବତୀରେ ଗ୍ରୀଷ୍ମଋତୁ ବର୍ଣ୍ଣନା କେଉଁ ଛାନ୍ଦରେ ରହିଛି ?

(A) ୪୧

(B) ୩୯

(C) ୪୪

(D) ୩୭

76. "ନାନା ଅଭିଧାନ ବିଧାନପରି
ନାଟକ କାବ୍ୟ ଅଂଗେ ମାଧରୀ
ଦୃଷ୍ଟିସୃଷ୍ଟିରେ ହୋଇଛି ବିଚିତ୍ର
ରସିକ ଚିତ୍ତ ମୋହନ ମନ୍ତ୍ର" ଏଥିରେ କ'ଣ ପ୍ରକାଶ ପାଇଛି ?

(A) କବିଙ୍କ ସ୍ୱାଭିମାନ

(B) କବିଙ୍କ ଆତ୍ମ ପ୍ରଶଂସା

(C) କବିଙ୍କ ପାଣ୍ଡିତ୍ୟ

(D) କବିଙ୍କ ଜୀବନ

77. ବିଦଗ୍ଧ ଚିନ୍ତାମଣିର ୪୯ ଛାନ୍ଦ କେଉଁ କାରଣରୁ ତାତ୍ପର୍ଯ୍ୟପୂର୍ଣ୍ଣ ?

(A) ରାଧାଙ୍କ ବିରହଦଶା, ସଖୀମାନଙ୍କର ଅନୁଚିନ୍ତା

(B) ବିଳାସ ସମ୍ଭୋଗ

(C) କୃଷ୍ଣଙ୍କ ବିବିଧକେଳି ବର୍ଣ୍ଣନା

(D) ପ୍ରାତଃକାଳ । ରତାନ୍ତ ପରିହାସ

78. କିଏ ବିଦଗ୍ଧଚିନ୍ତାମଣିରେ ପ୍ରତିନାୟିକା ?

(A) ଦୂତୀ

(B) ପୌର୍ଣ୍ଣମାସୀ

(C) ବିଶାଖା

(D) ଚନ୍ଦ୍ରାବଳୀ

79. ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମ ଓ ମୃତ୍ୟୁ କେଉଁ କେଉଁ ସମିହାରେ ହୋଇଥିଲା ?

(A) ୧୭୬୦-୧୮୦୭

(B) ୧୭୫୫-୧୮୦୯

(C) ୧୭୭୦-୧୮୨୦

(D) ୧୭୫୦-୧୮୦୦

80. ''ଅଭିମନ୍ୟୁ ହେଉଛନ୍ତି ଏକମାତ୍ର କବି ଯେ କି ଇନ୍ଦ୍ରିୟଗ୍ରାହ୍ୟ ପ୍ରେମକୁ ଅତୀନ୍ଦ୍ରିୟ ସ୍ତରକୁ ଉନ୍ନୀତ କରିପାରିଛନ୍ତି । ଏହି ଅଶ୍ଳୀଳତା ପ୍ରତି ବିମୁଖତା । ହିଁ ତାଙ୍କୁ ସମଗ୍ର ପୂର୍ବଭାରତୀୟ ବୈଷ୍ଣବ ସାହିତ୍ୟରେ ଚିରନ୍ତନ ପ୍ରତିଷ୍ଠା ପ୍ରଦାନ କରିବାରେ ସମର୍ଥ ହେବ'' — ଏହା କାହାଙ୍କ ମତ ?

(A) ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ

(B) ବୈଷ୍ଣବ ଚରଣ ସାମଲ

(C) ନୀଳାଦ୍ରିଭୂଷଣ ହରିଚନ୍ଦନ

(D) ବୈଷ୍ଣବ ଚରଣ ସାମଲ

81. ପଦାବଳୀ ସାହିତ୍ୟିକ ମାନଙ୍କ ମଧ୍ୟରେ କିଏ ଅଗ୍ରଜ ଓ ମାର୍ଗଦ୍ରଷ୍ଟା ?

(A) ଗୌରହରୀ

(B) ବନମାଳୀ

(C) ଗୌରଚରଣ

(D) ହରିବଂଧୁ

82. 'ଶ୍ୟାମକୁ ଜୁହାର ତାର ପ୍ରେମକୁ ଜୁହାର ମା'ର ରଚକ କିଏ ?

(A) କବିସୂର୍ଯ୍ୟ

(B) ଗୌରହରଣ

(C) ଗୌରଚରଣ

(D) ଗୋପାଳକୃଷ୍ଣ

83. ଗୌରଚରଣ ଓଡ଼ିଆ ବ୍ୟତୀତ ଅନ୍ୟ କେଉଁ କେଉଁ ଭାଷାରେ ପଦାବଳୀ ରଚନା କରିଛନ୍ତି ?

(A) ବଂଗଳା ଓ ବ୍ରଜବୋଲି

(B) ସଂସ୍କୃତ ଓ ପ୍ରାକୃତ

(C) ମୈଥିଳୀ ଓ ଭୋଜପୁରୀ

(D) ସୌରସେନୀ ଓ ମାଗଧୀ

84. ବୈଷ୍ଣବ କବିମାନଙ୍କର ମଧ୍ୟରୁ କିଏ ଗଣିତ ଓ ଜ୍ୟୋତିଷରେ ମଧ୍ୟ ପଣ୍ଡିତ ଥିଲେ ?

(A) ଗୌରଚରଣ

(B) ହରିବଂଧୁ

(C) ଗୌରହରୀ

(D) କବିସୂର୍ଯ୍ୟ

85. କବିସୂର୍ଯ୍ୟଙ୍କ ଜନ୍ମ ମସିହା କେବେ ?

(A) ୧୭୮୯

(B) ୧୭୮୬

(C) ୧୭୪୩

(D) ୧୭୮୪

86. 'କିଶୋର ଚନ୍ଦ୍ରାନନ୍ଦ' ର ଅର୍ଥ କଣ ?

(A) ରାଧା

(B) ଉଦିତ ଚନ୍ଦ୍ର

(C) କୃଷ୍ଣ

(D) ସୁବଳ

87. କିଶୋର ଚନ୍ଦ୍ରାନନ୍ଦ ଚମ୍ପୁର କେଉଁ ସଂଗୀତ ଦୁଇଟିରେ ଚରିତ୍ରର ସଂଳାପ ନାହିଁ ?

(A) କ ଓ ଖ

(B) ର ଓ ଶ

(C) ମ ଓ କ୍ଷ

(D) ଚ ଓ ଛ

88. 'ଚାମୀକର' କେଉଁ ଭାଷାର ଶବ୍ଦ ?

(A) ଯାବନିକ

(B) ଆଞ୍ଚଳିକ

(C) ଦେଶଜ

(D) ସଂସ୍କୃତ

89. 'ଷଟପଦନୀଳକେଶା ଆଗେ ଚାହିଁ ଚାହିଁ ସର୍ବଂ ସହାରେ ଖେଳୁଛି ନବବାରିଦାହ' — ଏହା କେଉଁ ଅଳଙ୍କାର ?

(A) ଉପମା

(B) ଅପହ୍ନୁତି

(C) ଉତ୍ପ୍ରେକ୍ଷା

(D) ଅନୁପ୍ରାସ

90. 'ଭୂତିଭୂଷ ବିପକ୍ଷ ପ୍ରକ୍ଷେପ୍ତନ' ର ଅର୍ଥ କଣ ?

(A) ଯମୁନାତଟ

(B) ଧୂଳିଖେଳ

(C) କନ୍ଦର୍ପଶର

(D) ଧୂମବିହୀନ ଅଗ୍ନିଶିଖା

91. ରାଜା ଭୂଜବଳ ଓ ରାଣୀ ପଦ୍ମାବତୀ କେଉଁ ପ୍ରୀତିର ଚରିତ୍ର ?

(A) ସହଜପ୍ରୀତି

(B) ଶଠପ୍ରୀତି

(C) କାର୍ଯ୍ୟଘେନା ପ୍ରୀତି

(D) ଦୁଷ୍ଟପ୍ରୀତି

92. ହାସ ବିନୋଦରେ କେତୋଟି ପ୍ରଧାନ ଗଳ୍ପ ଓ କେତୋଟି ଶାଖା ଗଳ୍ପ ଅଛି ?

(A) ୨ + ୧

(B) ୨ + ୨

(C) ୧ + ୨

(D) ୧ + ୧

93. 'ଅତି ସୁରୂପା ଚହଟ ଚମ୍ପା ଭ୍ରମର ନ ଯାଇ ପାଶରେ ସ୍ତନ ଯଉବନ ପାଚି ଫୁଟିଅଛି ପୁରୁଷର ନାହିଁ ଆଶରେ' — ଏହା କି ଧରଣର ରଚନା ?

(A) ଚାଟୁ

(B) ଢଗପହଳି

(C) ପ୍ରବାଦ ପ୍ରବଚନ

(D) ରଢି

94. କେଉଁ ବିନୋଦରେ ଦିଲ୍ଲୀ ନାହୋର ଆଗରା ନାମୋଲ୍ଲେଖ ଅଛି ?

(A) ପ୍ରୀତିବିନୋଦ

(B) ନୀତିବିନୋଦ

(C) ହାସବିନୋଦ

(D) ରସବିନୋଦ

95. "The language of the Panji does not seem to be older than that of the 11th or 12th Century XXX from the 12th Century onwards the development of the language is traceable" — କିଏ କହିଛନ୍ତି ?

(A) ରାଖାଲ ଦାସ ବ୍ୟାନାର୍ଜୀ

(B) ମନୋମୋହନ ଚକ୍ରବର୍ତ୍ତୀ

(C) ଆଣ୍ଡ୍ରୁଷ୍ଟାର୍ଲିଂ

(D) ଆର୍ତ୍ତବଲ୍ଲଭ ମହାନ୍ତି

96. 'ପାଞ୍ଜିଆ କରଣ'ଙ୍କ କର୍ମ କ'ଣ ଥିଲା ?

(A) ଲେଖକ

(B) ସଂରକ୍ଷଣ

(C) ସଂକଳନ

(D) ପାଞ୍ଜିପାଠକ

97. 'ମୁଦିରଥ' ପ୍ରତିଦିନ ମଂଦିରରେ କି କାର୍ଯ୍ୟ କରନ୍ତି ?

(A) ମନ୍ଦିର ଦ୍ୱାରକୁ ଉନ୍ମୁକ୍ତ କରିବା

(B) ସେବା ପୂଜାପରେ ମନ୍ଦିର ବନ୍ଦ କରିବା

(C) ମନ୍ଦିରର ପ୍ରତିଦିନ ରୀତି-ନୀତି ଲିପିବଦ୍ଧ କରିବା

(D) ମାଦଳା ପାଂଜିର ମାହାତ୍ମ୍ୟ ପ୍ରଚାର କରିବା

98. ମାଦଳା ପାଞ୍ଜି ପ୍ରସଂଗରେ ଜାପାନ ସମ୍ରାଟ ମିକାଡୋଙ୍କୁ ଓଡିଶାର ସ୍ୱାଧୀନହିନ୍ଦୁ ରାଜାମାନଙ୍କ ସହିତ କିଏ ତୁଳନା କରିଛନ୍ତି ?

(A) ହରେକୃଷ୍ଣ ମହତାବ

(B) ଅନିରୁଦ୍ଧ ଦାସ

(C) ସୁନୀତି କୁମାର ଚାଟାର୍ଜୀ

(D) ମାୟାଧର ମାନସିଂହ

99. 'ଉଲକ ମଧୁପ' ପତ୍ରିକାର ସଂପାଦକ କିଏ ଥିଲେ ?

(A) ଚତୁର୍ଭୁଜ ପଟ୍ଟନାୟକ

(B) ଚୈତନ୍ୟ ପ୍ରସାଦ ରାୟ

(C) ଶ୍ରୀପତି ନାଥ ବସୁ

(D) କୃଷ୍ଣମୋହନ ପଟ୍ଟନାୟକ

100. ବିଶ୍ୱନାଥ କରଙ୍କ 'ସ୍ୱାଧୀନତା' ଶୀର୍ଷକ ପ୍ରବନ୍ଧ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ପ୍ରଭା

(B) ଉତ୍କଳ ମଧୁପ

(C) ଉତ୍କଳ ସାହିତ୍ୟ

(D) ଉତ୍କଳ ହିତୈଷିଣୀ

101. ରାମଶଙ୍କର ରାୟ କେଉଁ ପତ୍ରିକାର ଥିଲେ ପ୍ରକୃତ ପୃଷ୍ଠପୋଷକ ଓ ପରିଚାଳକ ?

(A) ପ୍ରଦୀପ

(B) ଉତ୍କଳ ଦର୍ପଣ

(C) ଉତ୍କଳ ମଧୁପ

(D) ଉତ୍କଳ ପ୍ରଭା

102. ରାଧାନାଥଙ୍କ 'ଇତାଲୀୟଯୁବା' କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ଦର୍ପଣ

(B) ସମ୍ବଲପୁର ହିତୈଷିଣୀ

(C) ନବସଂବାଦ

(D) ଓଡ଼ିଆ ଓ ନବସଂବାଦ

103. 'ଇନ୍ଦ୍ରଧନୁ' ପତ୍ରିକାର ପ୍ରକାଶ ତାରିଖ ଓ ମସିହା କେତେ ?

(A) ୧୬.୯.୧୮୯୩

(B) ୧୭.୮.୧୮୯୩

(C) ୧୪.୪.୧୮୯୩

(D) ୧୮.୯.୧୮୯୩

104. 'ଛମାଣ ଆଠଗୁଣ୍ଠ' ଉପନ୍ୟାସର ତେଇଶ ନମ୍ବର ପରିଚ୍ଛେଦଟି କଣ ?

(A) ଅସୁରଦୀଘି

(B) ଖୁଣି ତଦାରଖି

(C) ଅପୂର୍ବ ମିଳନ

(D) କର୍ମଫଳ

105. ମୁସ୍ତାଫା ଖାଁ କେଉଁ ଅଞ୍ଚଳର ଅଧିବାସୀ ଥିଲେ ?

(A) ମରହଟ୍ଟା ବାସୀ

(B) ଆଜିମାବାଦ ବାସୀ

(C) ପଞ୍ଜାବ ନିବାସୀ

(D) କାଟୋୟାବାସୀ

106. କାହ୍ନୁଚରଣଙ୍କୁ ବଙ୍ଗଳାର କେଉଁ ଔପନ୍ୟାସିକଙ୍କ ସହିତ ତୁଳନା କରାଯାଇପାରେ ?

(A) ଶରତଚନ୍ଦ୍ର

(B) ତାରାଶଙ୍କର

(C) ବିଭୂତି ଭୂଷଣ

(D) ସତୀନାଥ

107. 'ବୁନ୍ଦାଏ ପାଣି'ରେ କିଏ ନିର୍ଭୀକ ଓ ସ୍ପଷ୍ଟବାଦୀ ମଣିଷ ଥିଲେ ?

(A) ଯମେଶ୍ୱର ମିଶ୍ର

(B) ଶଶୀ ମିଶ୍ର

(C) ବିନୋଦ ଦାସ

(D) ରାଘବ ଚୌଧୁରୀ

108. 'ସରଦେଈ' କି ଧରଣର ଚରିତ୍ର ?

(A) ଗୌଣ ଚରିତ୍ର

(B) ନାୟିକା

(C) ପରିକଳ୍ପିତ-ପାର୍ଶ୍ୱ ଚରିତ୍ର

(D) ବର୍ତ୍ତୁଳ ଚରିତ୍ର

109. 'ଧରିତ୍ରୀର କାଳ' ଉପନ୍ୟାସର ପ୍ରମୁଖ ଚରିତ୍ର କିଏ ?

(A) ବୁଧନାଥ ମିଶ୍ର

(B) ଶ୍ରୀକାନ୍ତ ମିଶ୍ର

(C) ଯଜ୍ଞଦତ୍ତ ମିଶ୍ର

(D) ବୃହସ୍ପତି ମିଶ୍ର

110. 'ସମୁଦ୍ରର ସ୍ୱର' କି ପ୍ରକାରର ଉପନ୍ୟାସ ?

(A) ଜୀବନୀ ମୂଳକ

(B) ବୈଜ୍ଞାନିକ

(C) ରାଜନୀତିକ

(D) ବାମାବାଦୀ

111. 'ଦାକ୍ଷିଣାତ୍ୟ ଭ୍ରମଣ' କେଉଁ ମସିହାରେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା ?

(A) ୧୮୯୬

(B) ୧୮୯୪

(C) ୧୮୯୨

(D) ୧୮୯୮

112. ସମ୍ବଲପୁର ଅଞ୍ଚଳରେ ହିନ୍ଦୀ ପରିବର୍ତ୍ତେ ଓଡ଼ିଆ ଭାଷାକୁ ପ୍ରଚଳନ ପାଇଁ ଶ୍ରୀପତି ମିଶ୍ର କେଉଁ ଭାଇସ୍‌ରାୟଙ୍କୁ ନିକଟରେ ଦାବି ଜଣାଇବା ପାଇଁ ଦିଲ୍ଲୀହୋଇ ଶିମଳା ଯାଇଥିଲେ ?

(A) ଲର୍ଡ କର୍ଜନ

(B) ଲର୍ଡ ବେଣ୍ଟିକ୍

(C) ଲର୍ଡ ୱେଲସେଲି

(D) ଲର୍ଡ କର୍ଣ୍ଣୱାଲିସ୍

113. 'ଇଉରୋପରେ ମୋ ଅନୁଭୂତି' ରେ କେଉଁ ଦେଶକଥା କୁହାଯାଇଛି ?

(A) ଇଂଲଣ୍ଡ

(B) ଫ୍ରାନ୍ସ

(C) ଜର୍ମାନ

(D) ହଲାଣ୍ଡ

114. 'ଭ୍ରମଣରେ କୁଆଡେ ଜୀବନର ସବୁ ସ୍ତରର ଅନୁଭବ ଆସେ କେତେବେଳେ ଯୋଗୀର, କେତେବେଳେ ଭୋଗୀର । ଅଥଚ ଭ୍ରମଣ ସାହିତ୍ୟ ଅଧ୍ୟୟନରେ ଯେଉଁ ଅନୁଭବ ଆସେ ତାହା ବୈରାଗ୍ୟର' — ଏହା କିଏ କହିଥିଲେ ?

(A) ମନୋଜ ଦାସ

(B) କୁଂଜବିହାରୀ ଦାଶ

(C) ସୂର୍ଯ୍ୟକାନ୍ତ ଦାସ

(D) ଚିତ୍ତରଂଜନ ଦାସ

115. 'ପାଷାଣଭେଦୀ ଗୁଳ୍ମର କାହାଣୀ'ର ଲେଖକ କିଏ ?

(A) ହୃଦାନନ୍ଦ ରାୟ

(B) ଶରତ ଚନ୍ଦ୍ର ପ୍ରଧାନ

(C) ଶାନ୍ତନୁ କୁମାର ଆଚାର୍ଯ୍ୟ

(D) ନୃସିଂହ ଚରଣ ପଣ୍ଡା

116. 'ଜୀବନର ଚଲାପଥେ' କେଉଁ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା ?

(A) ୨୦୧୧

(B) ୨୦୦୮

(C) ୨୦୧୦

(D) ୨୦୦୯

117. କେଉଁ ମସିହାରେ ମୋହିନୀ ମୋହନ 'ଫକୀରମୋହନ ସେନାପତିଙ୍କ ଆତ୍ମଜୀବନ ଚରିତ' ନାମରେ ବହିଟିଏ ପ୍ରକାଶ କଲେ ?

(A) ୧୯୨୬

(B) ୧୯୨୭

(C) ୧୯୨୮

(D) ୧୯୨୯

118. 'ମୋ ସମୟର ଓଡ଼ିଶା'ର ପ୍ରଥମ ସଂସ୍କରଣ କେବେ ପ୍ରକାଶ ପାଇଥିଲା ?

(A) ୧୯୮୭

(B) ୧୯୭୮

(C) ୧୯୭୭

(D) ୧୯୭୬

119. 'ବନବାଳା'ର କଥାବସ୍ତୁ ମୁଖ୍ୟତଃ ସେକସ୍‌ପିଅରଂକ କେଉଁ ନାଟକକୁ ଅନୁସରଣ କରିଛି ?

(A) The Tempest

(B) Hamlet

(C) Macbeth

(D) Romeo and Juliet

120. 'ଜାତୀୟତାଭାବ, ଲୋକସେବା, ଦେଶାତ୍ମବୋଧ, ସମୟର ରୁଚି ଓ ଦେଶ ଜାତିର ଅବସ୍ଥାକୁ ଜନତା ଆଗରେ ଉପସ୍ଥାପିତ କରିବାଟା ହେଲା ମୋର ନାଟ୍ୟକର ଜୀବନର ବଡଲକ୍ଷ୍ୟ' ଏହା କାହାଙ୍କ ଉକ୍ତି ?

(A) କାଳୀଚରଣ ପଟ୍ଟନାୟକ

(B) ରାମଚନ୍ଦ୍ର ମିଶ୍ର

(C) ଗୋପାଳ ଛୋଟରାୟ

(D) ଭଂଜକିଶୋର ପଟ୍ଟନାୟକ

121. 'ସାରଳା ଦାସ' ନାଟକ କେଉଁ ମସିହାରେ ପ୍ରକାଶିତ ?

(A) ୧୯୪୯

(B) ୧୯୫୧

(C) ୧୯୫୨

(D) ୧୯୫୪

122. 'ଭାଇଗ' କେଉଁ ନାଟକର ଚରିତ୍ର ?

(A) ମୂଲିଆ

(B) ଘରସଂସାର

(C) ଭାଇଭାଉଜ

(D) ମମତା

123. 'ପଥିକ ବନ୍ଧୁ' କେଉଁ କାହାଣୀ ଅବଲମ୍ବନରେ ରଚିତ ?

(A) ଟାଉଟର ନେତାଙ୍କ ଶୋଷଣ କାହାଣୀ

(B) ଶ୍ରମିକ ବସ୍ତିର କାଳ୍ପନିକ କାହାଣୀ

(C) କାରଖାନା ମ୍ୟାନେଜରଙ୍କ ମିଥ୍ୟା ପ୍ରଲୋଭନ

(D) ଡାକ୍ତର ବାବୁଙ୍କ ସେବା ପରାୟଣ କାହାଣୀ

124. ମନୋରଂଜନଙ୍କ ପରିବର୍ତ୍ତିତ ନାଟ୍ୟଶୈଳୀର ସର୍ବଶ୍ରେଷ୍ଠ ନାଟକଟି କ'ଣ ?

(A) ବିତର୍କିତ ଅପରାହ୍ନ

(B) ଆଗାମୀ

(C) ଅରଣ୍ୟଫସଲ

(D) ବନହଂସୀ

125. ରମେଶ ପାଣିଗ୍ରାହୀଙ୍କ କେଉଁ ନାଟକଟି ଓଡ଼ିଆରେ ଶୈଳୀଗତ ପରୀକ୍ଷାର ଏକ ଦୃଷ୍ଟାନ୍ତ ?

(A) ମୁଁ ଆମ୍ଭେ ଆମ୍ଭେମାନେ

(B) ଆଲବମ୍‌ର ଝିଅ

(C) ମୁକ୍ତିମଣ୍ଡପ

(D) ମହାନାଟକ

126. ଫକୀରମୋହନଙ୍କ କେଉଁ ଗଳ୍ପଟିର କ୍ରିୟଦ୍‌ଅଂଶ ମୋହିନୀମୋହନ ବାଦ୍‌ଦେଇ ଗଳ୍ପ ସଙ୍କରେ ସ୍ଥାନିତ କରିଥିଲେ ?

(A) ରାଣ୍ଡିପୁଅ ଅନନ୍ତା

(B) ଡାକମୁନ୍‌ସୀ

(C) ପୁନର୍ମୂଷିକୋଭବ

(D) ବଗଲାବଗୁଲି

127. 'ମହନ୍ତ ବାବା ମହାବୀର ଦାସ' ଫକୀରମୋହନଙ୍କ କେଉଁ ଗଳ୍ପର ଚରିତ୍ର ?

(A) ଧୂଳିଆବାବା

(B) ମୌନାମୌନୀ

(C) ମାଧମହାନ୍ତିଙ୍କ କନ୍ୟାସୁନା

(D) ପାଠେଇ ବୋହୂ

128. 'ମିମାଂସା' ଗଳ୍ପର ଲେଖକ କିଏ ?

(A) ଭଗବତୀ ଚରଣ ପାଣିଗ୍ରାହୀ

(B) ନିତ୍ୟାନନ୍ଦ ମହାପାତ୍ର

(C) ଗୋଦାବରୀଶ ମହାପାତ୍ର

(D) କାଳିନ୍ଦୀଚରଣ ପାଣିଗ୍ରାହୀ

129. 'ପାପ ଓ ମୁକ୍ତି' ଗଳ୍ପରେ ମଂଜୁ କେଉଁ ପ୍ରକାରର ନାରୀଟିଏ ?

(A) ସୁଗୃହିଣୀ

(B) ଅବିବାହିତା ବିଦ୍ୟାର୍ଥୀ

(C) ଶିକ୍ଷିତାକର୍ମଜୀବୀ

(D) ଯୌନକର୍ମୀ

130. 'ଅବୋଲାକରା କାହାଣୀ' ରେ କେଉଁ ଗଳ୍ପଟି ଅବଲୋକରା ମୂଳକ ନୁହଁ ?

(A) ରତ୍ନବର୍ଷା

(B) ସୁବର୍ଣ୍ଣକଳସ

(C) ସାରୁଗଛମୂଳେ

(D) ଶେଷ ରଜନୀ

131. ''ଏଥିରେ ସାହିତ୍ୟରସ ରହିଲା କି ନାହିଁ, ବ୍ୟାକରଣର ନିୟମାବଳୀ ଲାଗୁହେଉଛି କି ନାହିଁ, ମାପଚୁପକରି ଚରିତ୍ରମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି କି ନାହିଁ, ଜୀବନ ଦର୍ଶନ ଠିକ୍ ଜାଗାରେ ଓ ଠିକ୍ ଭାବରେ ଫୁଟିଲାକି ନାହିଁ, ଏସବୁ କଥା ପ୍ରତି ଆଖିରଖି ମୁଁ ଗଳ୍ପଗୁଡ଼ିକ ଲେଖି ନାହିଁ'' କିଏ କହିଛନ୍ତି ?

(A) ସଚ୍ଚିଦାନନ୍ଦ ରାଉତରାୟ

(B) ଗୋଦାବରୀଶ ମହାପାତ୍ର

(C) ଅଖିଳମୋହନ ପଟ୍ଟନାୟକ

(D) ମନୋଜ ଦାସ

132. 'ବିଜୁଳି' କେଉଁ ଗଳ୍ପ ସଂକଳନ ଅନ୍ତର୍ଭୁକ୍ତ ?

(A) ଏକାକୀ ପରାଶର

(B) ଅଶ୍ରୁଅନଳ

(C) ଅଭିନେତ୍ରୀ

(D) ବର୍ଷା ! ବର୍ଷା ! ଭାରତବର୍ଷ

133. ପ୍ରାବନ୍ଧିକ ରାତ୍ନାକର ପତିଙ୍କ ଜନ୍ମ ଓ ମୃତ୍ୟୁ ସମୟ କେତେ ?

(A) ୧୮୮୯-୧୯୬୯

(B) ୧୮୮୫-୧୯୬୮

(C) ୧୮୮୪-୧୯୬୪

(D) ୧୮୮୬-୧୯୬୭

134. ବିପିନ ବିହାରୀ ରାୟଙ୍କ 'ପ୍ରବନ୍ଧ ସୋପାନ'ର ମୁଖବନ୍ଧ କିଏ ଲେଖିଥିଲେ ?

(A) ନୀଳକଣ୍ଠ ଦାସ

(B) ବିଶ୍ୱନାଥ କର

(C) ବ୍ରଜସୁନ୍ଦର ଦାସ

(D) ମୋହିନୀମୋହନ ସେନାପତି

135. କେଉଁଟି ନୀଳକଣ୍ଠଙ୍କ ସଂସ୍କାରଧର୍ମୀ ପ୍ରବନ୍ଧ ?

(A) ମୋ ନିଶ

(B) ଲୌକିକ ବିଜ୍ଞାନ

(C) ଭାକ୍ତିକ ମିଥ୍ୟା

(D) ଜାତୀୟତାର ଭିତ୍ତି

136. ନୀଳକଣ୍ଠଙ୍କ କେଉଁ ପ୍ରବନ୍ଧଟି Central Young Utkal Association ର ଦ୍ୱାଦଶ ବାର୍ଷିକ ଅଧିବେଶନରେ ପଠିତ ହୋଇଥିଲା ?

(A) ମହାମ୍ୟାଚନ୍ଦ୍ରଶେଖର ସିଂହସାମନ୍ତ

(B) ରାଧାନାଥ ଓ ଉତ୍କଳ ସାହିତ୍ୟ

(C) ସ୍ୱର୍ଗୀୟ ମଧୁସୂଦନ ରାଓ

(D) ବିଧାତାଙ୍କର ସୃଷ୍ଟି

137. 'ଇନ୍ଦ୍ରଧନୁ ଓ ବିଜୁଳି' କଳହକୁ ନେଇ ଯେଉଁ ଗଠନମୂଳକ ଲେଖାଟି ବିଶ୍ୱନାଥ କର ଲେଖିଥିଲେ ତାହାର ନାମ କ'ଣ ଥିଲା ?

(A) ସାହିତ୍ୟ ଓ ସମାଲୋଚନା

(B) ଗୋଟିଏ ଉତ୍ତର

(C) ସାହିତ୍ୟଚର୍ଚ୍ଚା

(D) କବି ଉପେନ୍ଦ୍ରଭଞ୍ଜ

138. କେଉଁଟି ଜାତୀୟ ଜାଗରଣ ମୂଳକ ପ୍ରବନ୍ଧ ?

(A) ଧରମ ଧରମ

(B) ସରକାରଙ୍କ ଘରଖର୍ଚ୍ଚ

(C) ଦାଢ଼ି

(D) ବଟୁଆ

139. 'ବିଦେଶୀଭାବ ଲୋକଙ୍କୁ ବିଦେଶୀ କରାଏ ନାହିଁ, ବିଦେଶୀ ବେଶ ହିଁ ଲୋକଙ୍କୁ ଇତର କରିପକାଏ' କେଉଁ ପ୍ରବନ୍ଧର ଅଂଶ ବିଶେଷ ?

(A) ଆମ ଗଣତନ୍ତ୍ରର ଭବିଷ୍ୟତ

(B) ଓଡ଼ିଆ ଜାତିର ବୈଶିଷ୍ଟ୍ୟ

(C) ପରଧର୍ମ

(D) ଓଡ଼ିଶାର ସାମାଜିକ ଜୀବନ

140. 'ଓଡ଼ିଆ କେବେ' ଗ୍ରନ୍ଥର ରଚନାକାଳ କେବେ ?

(A) ୧୯୬୩

(B) ୧୯୬୫

(C) ୧୯୬୯

(D) ୧୯୬୭

141. ''ଶିକ୍ଷା କ୍ଷେତ୍ରରେ କିନ୍ତୁ ଅନେକ ଛାତ୍ରଙ୍କ କୌଣସି ଲକ୍ଷ୍ୟସ୍ଥଳ ଦେଖିବାକୁ ମିଳେ ନି । ଅଧିକାଂଶ କ୍ଷେତ୍ରରେ ଛାତ୍ର କେବଳ ଉଦ୍ଦେଶ୍ୟହୀନ ଭାବରେ ଖଣ୍ଡିଆ ଭୂତର ଶୁଖିଲାପତ୍ର ପରି ଉଡିବୁଲେ — ଆଉ ଶେଷରେ ଏଇଠି ସେଇଠି ଖାପଛଡ଼ା ହୋଇ ପଡିଥାଏ । ଲକ୍ଷ୍ୟହୀନ ଓ ଉଦ୍ଦେଶ୍ୟ ବିହୀନ ଶିକ୍ଷାକୁ ଶିକ୍ଷା ବୋଲି କହିବା ସମୀଚୀନ ହେବ ନାହିଁ ।'' ଏହା କେଉଁ ପ୍ରବନ୍ଧର ଅଂଶ ବିଶେଷ ?

(A) ବିଜ୍ଞାନ ଓ ଦର୍ଶନ

(B) ଶିକ୍ଷା ପଦ୍ଧତିରେ ଗୋଲକଧନ୍ଦା

(C) ଶିକ୍ଷାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ

(D) ଶିକ୍ଷାନୀତି ବନାମ୍ ରାଜନୀତି

142. 'ଶୁଣ ପରୀକ୍ଷ' ରମ୍ୟରଚନା ସଂକଳନଟି କେଉଁ ବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା ?

(A) ୧୯୭୮

(B) ୧୯୭୯

(C) ୧୯୮୦

(D) ୧୯୭୭

143. ଚିତ୍ତରଂଜନଙ୍କ ରମ୍ୟରଚନାରେ ମୁଖ୍ୟତଃ କଣ ଥାଏ ?

(A) ଥଟ୍ଟା ପରିହାସ

(B) କୌତୁକ

(C) ବିଦ୍ରୂପ ଓ ତୀବ୍ର ଭର୍ତ୍ସନା

(D) ସାମାନ୍ୟତମ୍ ଖିଆଲବାଜି

144. 'ଦୃଷ୍ଟି ଓ ଦର୍ଶନ' ରମ୍ୟରଚନା ଗ୍ରନ୍ଥ କେବେ ପ୍ରକାଶ ପାଇଥିଲା ?

(A) ୧୯୭୫

(B) ୧୯୭୭

(C) ୧୯୭୨

(D) ୧୯୭୧

145. 'ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନ' କେଉଁ ଲେଖକଙ୍କ ରଚନା ?

(A) ଗୋପୀନାଥ ମହାନ୍ତି

(B) ମାୟାଧର ମାନସିଂହ

(C) ସଦାଶିବ ମିଶ୍ର

(D) ବିଦ୍ୟାଧର ମିଶ୍ର

146. 'ପତ୍ର ଓ ପ୍ରତିମା' କି ପ୍ରକାରର ରଚନା ?

(A) ରମ୍ୟରଚନା

(B) ପ୍ରବନ୍ଧ

(C) ସ୍ମୃତିକଥା

(D) ସମାଲୋଚନା

147. 'ଓଡ଼ିଶା ଓ ଓଡ଼ିଆ' କେଉଁ ପୁରସ୍କାର ପ୍ରାପ୍ତ ଗ୍ରନ୍ଥ ?

(A) ସାହିତ୍ୟ ଏକାଡେମୀ

(B) ସାହିତ୍ୟ ଭାରତୀ

(C) ସରସ୍ୱତୀ

(D) ଶାରଳା

148. ଭାରତୀୟ ଦର୍ଶନ ଓ ସଂସ୍କୃତିନିଷ୍ଠ ପ୍ରାବନ୍ଧିକ ଭାବରେ କିଏ ବିଶେଷ ଗଣ୍ୟ ?

(A) ଚିତ୍ତରଞ୍ଜନ ଦାସ

(B) ଗୋବିନ୍ଦ ତ୍ରିପାଠୀ

(C) ଚନ୍ଦ୍ରଶେଖର ରଥ

(D) ମାୟାଧର ମାନସିଂହ

149. 'ବିପତ୍ତି ଖଣ୍ଡନ ଦୁଃଖୀ ରଙ୍କଧନ ଅଖିଳ ବ୍ରହ୍ମାଣ୍ଡ ନାଥ ଆଜ୍ଞା ଅନୁସାରୀ କୃପା ହେବ ବୋଲି ପ୍ରସାରିଛି ବେନି ହସ୍ତ' — ଏହା କେଉଁ ବହିର ଅଂଶ ?

(A) ଶୂନ୍ୟସଂହିତା

(B) ସ୍ତୁତି ଚିନ୍ତାମଣି

(C) ଆଦି ଅନ୍ତଗୀତା

(D) ବ୍ରହ୍ମନିରୂପଣ ଗୀତା

150. ମଧୁସୂଦନ ରାଓଙ୍କ ଗ୍ରନ୍ଥାବଳୀ ପ୍ରଥମେ କେବେ ପ୍ରକାଶ ପାଇଲା ?

(A) ୧୯୧୫

(B) ୧୯୧୮

(C) ୧୯୧୬

(D) ୧୯୧୪

151. ''କବିଙ୍କ ଭାଷାରେ ଏପରି ମୋହଅଛି, ଯାହାକୁ ପାଠକଲା ମାତ୍ରକେ ପାଠକ ମନରେ ଅପୂର୍ବ ମାୟାଜାଲ ବିସ୍ତାରିତ ହୁଏ ।'' ମଧୁସୂଦନଙ୍କ ଭାଷା ସଂପର୍କରେ ଏହା କିଏ କହିଥିଲେ ?

(A) ବିଶ୍ୱନାଥ କର

(B) ମୋହିନୀ ମୋହନ ସେନାପତି

(C) ନୀଳକଣ୍ଠ ଦାସ

(D) ନନ୍ଦକିଶୋର ବଳ

152. ଓଭିଡଙ୍କ ଆପଲୋ-ଡାଫ୍ନି କାହାଣୀ ଅବଲମ୍ବନରେ ରାଧାନାଥଙ୍କ କେଉଁ କାବ୍ୟ ରଚିତ ?

(A) କେଦାର ଗୌରୀ

(B) ଯଯାତି କେଶରୀ

(C) ଚନ୍ଦ୍ରଭାଗା

(D) ଉଷା

153. ''ଦେଶପ୍ରେମ ରାଧାନାଥଙ୍କ କବିତାର ଏକ ପ୍ରଧାନ ଉପାଦାନ । ତାଙ୍କର ଦେଶପ୍ରେମୀ ମନ କେବଳ ଅତୀତର ସ୍ତବଗାନ କରି ଶାନ୍ତି ଲାଭ କରି ନାହିଁ । ନିଜ ଯୁଗର ସାଧକ, ଦେଶପ୍ରାଣ ମହାନୁଭବ ବ୍ୟକ୍ତିମାନଙ୍କର ସାଧନା ଓ ତ୍ୟାଗର ମହତ୍ତ୍ୱ ସେ ମୁକ୍ତକଣ୍ଠରେ ଗାନ କରିଛନ୍ତି ।'' ଏହା କାହାଙ୍କ ମନ୍ତବ୍ୟ ?

(A) ନଟବର ସାମନ୍ତରାୟ

(B) ନରେନ୍ଦ୍ର ନାଥ ମିଶ୍ର

(C) ଗୌରୀକୁମାର ବ୍ରହ୍ମା

(D) ବେଣୁଧର ରାଉତ

154. କାଳିଦାସଙ୍କ 'ଶକୁନ୍ତଳା'ର ପୂର୍ଣ୍ଣ ଅନୁସରଣ ଗଙ୍ଗାଧରଙ୍କ କେଉଁ କାବ୍ୟ ?

(A) ତପସ୍ୱିନୀ

(B) ପ୍ରଣୟବଲ୍ଲରୀ

(C) ରସରତ୍ନାକର

(D) ଅହଲ୍ୟାସ୍ତବ

155. ବୈକୁଣ୍ଠନାଥଙ୍କ 'ପରିନିର୍ମାଣ' କବିତାଟି କେଉଁ ଧରଣର ?

(A) ବିଭୁଚେତନା

(B) ବାସ୍ତବବାଦୀ

(C) ରୋମାଣ୍ଟିକ୍ ଭାବଧାରା

(D) ଐତିହାସିକ ଗାଥା

156. 'ଉତ୍କଳ ତନୟେ ଦିଅ ନବବଳ
ଉତ୍କଳ ପାଦପେ ରସମୟ ଫଳ
ଉତ୍କଳ-ସରିତେ ପବିତ୍ର ଜୀବନ
ଉତ୍କଳ କାନନେ ସ୍ୱର୍ଗୀୟ ସୁମନ' — ଗୋପବନ୍ଧୁଙ୍କ କେଉଁ ସଂକଳନର କବିତା ?

(A) ଅବକାଶ ଚିନ୍ତା

(B) ଧର୍ମପଦ

(C) ବନ୍ଦୀର ଆତ୍ମକଥା

(D) କାରାକବିତା

157. କେଉଁଟି ଗୋଦାବରୀଶ ମିଶ୍ରଙ୍କ କବିତା ନୁହେଁ ?

(A) ଖାରବେଳ

(B) କିଶଳୟ

(C) ଚୟନିକା

(D) ଆଲେଖିକା

158. 'ଉଚ୍ଛ୍ୱାସ' ସଂକଳନରେ କେଉଁ କବିତାଟି ପ୍ରକାଶିତ ?

(A) ପୂଜା ପଦ୍ଧତି

(B) ଅଭିଶପ୍ତର ଅଭିମାନ

(C) ଶେଫାଳି

(D) ନୀରପାନ

159. 'ସାଧବଝିଅ'ରେ ମାନସିଂହଙ୍କ କେଉଁ ଦୃଷ୍ଟିଭଙ୍ଗୀ ପ୍ରକାଶିତ ?

(A) ପ୍ରେମଚେତନା

(B) ରହସ୍ୟବାଦୀ

(C) ଆଧିଭୌତିକ ଭାବବିଳାସ

(D) ଓଡିଶାର ଅତୀତ ଐତିହ୍ୟ

160. 'ପ୍ରେମ କି ଥରେ ଆସି ଥରକେ ହୁଏ ଶେଷ ଜଣକୁ ଦେଲେ ସଁପି, ନ ରହେ ଅବଶେଷ' ? ଏହା ମାନସିଂହଙ୍କ କେଉଁ ଭାବନାର କଥା ?

(A) ରୋମାଣ୍ଟିକ୍ ଭାବାବେଗ

(B) ବାସ୍ତବ ଅନୁଭୂତି

(C) ଈଶ୍ୱରାନୁଭୂତି

(D) ଅବାସ୍ତବ କଳ୍ପନା

161. ସଚ୍ଚିରାଉତରାୟଙ୍କ 'ପାଥେୟ' କି ପ୍ରକାର କାବ୍ୟ-ଆଙ୍ଗିକ ଗ୍ରହଣ କରିଛି ?

(A) ଖଣ୍ଡକାବ୍ୟ

(B) ଗାଥାକବିତା

(C) ସନେଟ୍

(D) ଶୋକକବିତା

162. କେଉଁଟି ରାଧାମୋହନଙ୍କ ଜାତୀୟ ଭାବନା ମୂଳକ କାବ୍ୟ ଚେତନାର ନିଦର୍ଶନ ?

(A) ମୌସୁମୀ

(B) ଶାମୁକାର ସ୍ୱପ୍ନ

(C) ଉତ୍କଳିକା

(D) ପଶୁପକ୍ଷୀର କାବ୍ୟ

163. 'ସମୁଦ୍ରସ୍ନାନ' କେଉଁ ମସିହାରେ ପ୍ରକାଶିତ ?

(A) ୧୯୭୦

(B) ୧୯୬୮

(C) ୧୯୬୯

(D) ୧୯୭୧

164. କେଉଁ ଚେତନାଟି ରମାକାନ୍ତଙ୍କ ଅନେକ କବିତାରେ ଦେଖାଯାଏ ?

(A) ମୃତ୍ୟୁ

(B) ବିଷାଦ

(C) ଆଧ୍ୟାତ୍ମିକ

(D) ରହସ୍ୟ

165. ସୀତାକାନ୍ତଙ୍କ କବିତାର କେଉଁ ଦିଗଟି ପାଠକ ପ୍ରାଣକୁ ଆମୋଦିତ କରେ ?

(A) ଦାର୍ଶନିକ ଅଭିବ୍ୟକ୍ତି

(B) ବକ୍ତବ୍ୟର ସରଳତା ଓ ଗୀତିମୟତା

(C) ବହିର୍ଦେଶୀୟ ଚିନ୍ତାଧାରା

(D) ଅନୁଭାବିତ ଅଭିପ୍ରାୟ

**SPACE FOR ROUGH WORK**

SEAL